## ଆମଘରର ହାଲଚାଲ

ସୌମ୍ୟରଞ୍ଜନ ପଟ୍ଟନାୟକ

# ଏକ ବୃତ୍ତିଗତ ପ୍ରଶ୍ନ ୧୧/୦୮/୧୯୮୮

ଏଡ଼ିଟର୍ସ ଗିଲ୍ଡ଼ ତରଫରୁ ତିନିଜଣ ବରିଷ୍ଠ, ଅବସରପ୍ରାପ୍ତ ସାମ୍ବାଦିକ ଏବଂ ସମ୍ପାଦକମାନଙ୍କର ଓଡ଼ିଶା ଭ୍ରମଣ ବୃତ୍ତାନ୍ତ ଉପରେ ଏକ ମନ୍ତବ୍ୟ ଦେଇ ସ୍ତମ୍ଭଟିକୁ ଆରମ୍ଭ କରୁଥିବାରୁ ମୁଁ ଅତି ପରିମାଣରେ ଆତ୍ମସଚେତନ ଏବଂ ଲଜ୍ଜିତ । ଏ ୩ ଜଣ ଓଡ଼ିଶାରେ ସାମ୍ବାଦିକମାନଙ୍କର ଅବସ୍ଥା ଓ ସରକାରୀ ବ୍ୟବସ୍ଥା ସମ୍ପର୍କରେ କ'ଣ ରିପୋର୍ଟ ଦେଇଛନ୍ତି ତାକୁ ବ୍ୟକ୍ତିଗତ ଭାବେ ମୋର ଜାଣିବାର ଉପାୟ ନାହିଁ । କେବଳ କେତେକ ସମ୍ବାଦ ସରବରାହ ସଂସ୍ଥାଦ୍ବାରା ଯାହା ପ୍ରସାରିତ ହୋଇଛି ଏବଂ ଛୋଟବଡ଼ ସମ୍ବାଦପତ୍ର ମାନଙ୍କରେ ଯାହା ପ୍ରକାଶିତ ହୋଇଛି ଓ ତା'ର ପ୍ରତିକ୍ରିୟା ସ୍ୱରୂପ ସରକାର ଯେଉଁ ସ୍ପଷ୍ଟୀକରଣ ଦେଇଛନ୍ତି ସେଥିରୁ କିଛିଟା କେବଳ ଅନୁମାନ କରାଯାଇ ପାରେ । ଏ ବିଷୟରେ ମୁଁ କିଛି କହିଲେ ମୁଷ୍ଟିମେୟ ସାମ୍ବାଦିକ ବନ୍ଧୁ ଏ ସରକାର ସହିତ ମୋର ବ୍ୟକ୍ତିଗତ ସମ୍ପର୍କକୁ ଅଗ୍ରାଧିକାର ଦେଇ ତାହାକୁ କଦର୍ଥ କରିପାରନ୍ତି । କିନ୍ତୁ ଯେତେବେଳେ ଜାଣିଶୁଣି ମୁଷ୍ଟିମେୟ ବ୍ୟକ୍ତି ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଅଧା ସତ ଏବଂ ଅଧା ମିଛକୁ ଯୋଡ଼ି ଏକ ବୃତ୍ତିଗତ ପ୍ରଶ୍ନକୁ ଶସ୍ତା ରାଜନୀତିରେ ପରିଣତ କରିବାପାଇଁ ଚେଷ୍ଟା କରିଥାଆନ୍ତି, ସେତେବେଳେ ଯେତେ ଅସ୍ୱସ୍ତିକର ବୋଧହେଲେ ମଧ୍ୟ ସତ୍ୟ ଏବଂ ବୃତ୍ତିର ସମ୍ମାନ ପାଇଁ କିଛି କହିବାକୁ ହେବ । ଏକଥା ମୁଁ ବିଶେଷଭାବେ କହିବାପାଇଁ ଚାହୁଁଛି ଏଇଥିପାଇଁ ଯେ, ଜଣେ ସାମ୍ବାଦିକ ଓ ସମ୍ପାଦକଭାବେ 'ଏଡ଼ିଟର୍ସ ଗିଲ୍ଡ଼'ର ବରିଷ୍ଠ ସମ୍ପାଦକ ଓ ସାମ୍ବାଦିକମାନଙ୍କ ପ୍ରତି ପୂର୍ବରୁ ମୋର ଯେଉଁ ସମ୍ମାନ ଥିଲା ପ୍ରକାଶିତ ରିପୋର୍ଟଗୁଡ଼ିକ ପଢ଼ିବା ପରେ ଯେଦି ବାସ୍ତବରେ ଏହା ସେମାନଙ୍କର ରିପୋର୍ଟ ହୋଇଥାଏ ସେ ସମ୍ମାନ ଆଉ ସେମାନଙ୍କ ପ୍ରତି ରହୁନାହିଁ । ଗୋଟିଏ ପେଶାଦାର ସାମ୍ବାଦିକ ପାଇଁ ନିଜର ପେଶା ବା ବୃତ୍ତିପ୍ରତି ସମ୍ମାନର ସଙ୍କଟଠାରୁ ବଳି ଅଧିକ ଲଜ୍ଜାଜନକ ବିଷୟ ଆଉ କିଛି ହୋଇ ନ ପାରେ । ବରିଷ୍ଠ ସମ୍ପାଦକ ଓ ସାମ୍ବାଦିକମାନେ ଯେ, ଜାଣିଶୁଣି ମିଛ କହୁଛନ୍ତି ସେକଥା କହିବାପାଇଁ ଖରାପ ଲାଗୁଥିଲେ ମଧ୍ୟ ଏ ବୃତ୍ତିପ୍ରତି ଏବେ ବି ଅନୁରାଗ ଅବ୍ୟାହତ ରଖୁଥିବା ପେଶାଦାର ବନ୍ଧୁମାନଙ୍କ ପାଇଁ କହିବାକୁ ହେବ । ଏକଥା ମୁଁ ଜୋର କରି କହିପାରନ୍ତି ନାହିଁ, ଯଦି ଏହି ବୟୋଜ୍ୟେଷ୍ଠ ସାମ୍ବାଦିକମାନେ ମୋତେ ଆମ ପ୍ରେସ୍ ପରିସର ମଧ୍ୟରେ ଭେଟି ମୋ ସହ ସାକ୍ଷାତ ଆଲୋଚନା କରି ନ ଥାନ୍ତେ । ମୁଁ ଆଜିକେବଳ ୩ ଗୋଟି ପ୍ରଶ୍ନପ୍ରତି ସାମ୍ବାଦିକ ବନ୍ଧୁ ଓ ପାଠକଙ୍କ ଦୃଷ୍ଟି ଆକର୍ଷଣ କରୁଛି ।

ପ୍ରଥମ, 'ଏଡ଼ିଟର୍ସ ଗିଲ୍ଡ଼'ର ରିପୋର୍ଟରେ ଠାକୁର ରାଧାନାଥ ରଥଙ୍କୁ ଜଣେ ବର୍ଷୀୟାନ୍ ସାମ୍ବାଦିକ ଏବଂ ସମ୍ପାଦକ ଭାବେ ଚିତ୍ରଣ କରି ସେ ତାଙ୍କର ସତ୍ୟ ନିଷ୍ଠତା ପାଇଁ କିପରି ସରକାରୀ ଆକ୍ରୋଶର ଶିକାର ହୋଇଛନ୍ତି, ସେ ସମ୍ପର୍କରେ ସବିଶେଷ ଉଲ୍ଲେଖ କରାଯାଇଛି । ସେ ସରକାରୀ ଆକ୍ରୋଶର ଶିକାର କି ନୁହେଁ ଆଉ ବିଶେଷ କରି ଗଡ଼ମାଣିତ୍ରୀର ଆକ୍ରମଣ ତାଙ୍କପାଇଁ ଉଦ୍ଦିଷ୍ଟ ଏକ ପୂର୍ବ ପରିକଳ୍ପିତ ଯୋଜନା କି ନୁହେଁ ସେ ସମ୍ପର୍କରେ ଗତ ଦୁଇବର୍ଷ ହେଲା କୌଣସି ପ୍ରମାଣ ମୁଁ ଖୋଜି ଖୋଜି ପାଇନାହିଁ । କିନ୍ତୁ ସେ ଯେ, ନିଜ ବୟସ ଏବଂ ବୃତ୍ତିର ଅଯଥା ସୁଯୋଗ ଏବଂ ଫାଇଦା ଉଠେଇ ଓଡ଼ିଶାର ସ୍ୱାଭିମାନ ଏବଂ ସତ୍ୟର ଶିକାରୀ ପାଲଟିଛନ୍ତି, ଏହାର ସୁସ୍ପଷ୍ଟ ପ୍ରମାଣ ଦେଖିଲାପରେ ମଧ୍ୟ ଆମର ସତ୍ୟନିଷ୍ଠ ବରିଷ୍ଠ ସମ୍ପାଦକମାନେ କିପରି ନୀରବ ରହିଲେ ? ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, କଳାହାଣ୍ଡିର ବେଦ୍‌ଦେଇଙ୍କୁ କିଛି ଟଙ୍କାଦେଇ ତା'ର ମରିପଡ଼ିବାର ଏକ ଫଟୋଚିତ୍ର ଉତ୍ତୋଳନ କରି, ଓଡ଼ିଶାରେ ଅନାହାର ମୃତ୍ୟୁ କଥାଟିକୁ ସାବ୍ୟସ୍ତ କରିବାପାଇଁ ଯେଉଁ ହୀନଚେଷ୍ଟା 'ସମାଜ' ସମ୍ପାଦକ କରିଥିଲେ ତାହା ଜାତିଦ୍ରୋହଠାରୁ କିଛି କମ୍ ଅପରାଧ ନୁହେଁ ।

ସାମ୍ବାଦିକ ପ୍ରଶାନ୍ତବାବୁଙ୍କୁ ସରକାର କାହିଁକି ତାଙ୍କ ଘରୁ ଉଚ୍ଛେଦ କଲେ, ଆମେ ଏବେବି ତାହା ଜାଣିନାହୁଁ । କିନ୍ତୁ ସେ ଦଶବର୍ଷ ହେଲା ଘରଭଡ଼ା ଦେଇନଥିବା କଥା ସତ କି ମିଛ ସେ ମଧ୍ୟ ନିଜେ କହୁନାହାନ୍ତି । ବରିଷ୍ଠ ସମ୍ପାଦକମାନେ ଏକଥାଟି ଜାଣିଥିଲେ ମଧ୍ୟ ତାହା ତାଙ୍କୁ ପଗ୍ଭରି ବୁଝିପାରିଲେ ନାହିଁ ।

ଶେଷ ଏବଂ ମୂଳ କଥାଟି ହେଲା ଯେ ସରକାର ନାମ ମାତ୍ର ସମ୍ବାଦପତ୍ର ଓ ସାମ୍ବାଦିକମାନଙ୍କୁ ବିଜ୍ଞାପନ, ଜମିଜମା, ହୋଟେଲ ଓ ମଦ ଲାଇସେନ୍ସ ଆଦି ସୁବିଧା ସୁଯୋଗ ଅଯାଚିତ ଭାବେ ଯୋଗାଇ ଦେଇ ସେମାନଙ୍କୁ ଏକରକମର କିଣି ନେଉଛନ୍ତି ବୋଲି ସେ ରିପୋର୍ଟରେ କୁଆଡ଼େ କୁହାଯାଇଛି । ଏ ବିଷୟରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ସରକାର ଯଦି ନାମମାତ୍ର ସ୍ୱଳ୍ପ ପ୍ରସାରିତ ଖବରକାଗଜକୁ ବିଜ୍ଞାପନ ଦେଉଛନ୍ତି ତା'ହେଲେ ସରକାର ନିଜେ ଆତ୍ମଘାତୀ କାର୍ଯ୍ୟ କରୁଛନ୍ତି । କାରଣ ଏହାଦ୍ବାରା ତାଙ୍କ କଥା ସାଧାରଣ ପାଠକଙ୍କପାଖେ ପହଞ୍ଚି ପାରୁନାହିଁ । କିନ୍ତୁ ସାମ୍ବାଦିକ ଓ ସମ୍ବାଦପତ୍ର ଗୁଡ଼ିକୁ କିଣି ନେଉଥିବା ଅଭିଯୋଗ କରି ସରକାରଙ୍କୁ ଦୋଷାରୋପ କରିବା ପୂର୍ବରୁ ବରିଷ୍ଠ ସମ୍ପାଦକମାନେ ତାଙ୍କର ବୃତ୍ତିଗତ ସଖା ସହୋଦରମାନଙ୍କୁ ଏଭଳି ବିକ୍ରୀ ନ ହୋଇଯିବା ପାଇଁ ପରାମର୍ଶ ଏବଂ ସାହାଯ୍ୟ ଯୋଗାଇଥିଲେ ଅଧିକ ସମୀଚିନ ହୋଇଥାନ୍ତା । ଏସବୁ ସତ୍ତ୍ୱେ 'ଏଡ଼ିଟର୍ସ ଗିଲ୍ଡ଼'ର ପ୍ରତିନିଧିମାନଙ୍କୁ ଧନ୍ୟବାଦ ଜଣାଇବାକୁ ହେବ । ତାହା ଏଇଥିପାଇଁ ଯେ, ତାଙ୍କ ମିଛ ରିପୋର୍ଟର ପ୍ରତିକ୍ରିୟାରେ ଓଡ଼ିଶା ସରକାର ସାମ୍ବାଦିକ, ସମ୍ପାଦକ ଏବଂ ସମ୍ବାଦପତ୍ରର ମାଲିକମାନେ ଅଧିକ ସଚେତନ ହେବେ ଏବଂ ମୂଳ ବୃତ୍ତିଗତ ପ୍ରଶ୍ନକୁ ଅଗ୍ରାଧିକାର ଦେବେ ।